ଭିମସାରରେ ଅତ୍ୟାଧୁନିକ ସୁବିଧା ଲୋକାର୍ପଣ

# ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀକୁ ସୁସ୍ଥ କରିଥାଏ:ଧର୍ମେନ୍ଦ୍ର

ସମ୍ବଲପୁର, ୨୭।୧୨ (ସମିସ)





ଜଣେ ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀକୁ ପ୍ରକୃତରେ ସୁସ୍ଥ କରିଥାଏ ବୋଲି ଭିମସାର ବୁର୍ଲାରେ ଅତ୍ୟାଧୁନିକ ସୁବିଧା ଗୁଡ଼ିକର ଲୋକାର୍ପଣ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଭିମସାରରେ ପ୍ରଥମେ ୩- ଟେସଲା ଏମଆରଆଇ କକ୍ଷର ଉଦ୍‌ଘାଟନ କରିବା ସହ ୮୦ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ର (ଏନ୍‌ଏନ୍‌ସିୟୁ) ଭବନର ଉଦ୍‌ଘାଟନ କରିଥିଲେ।ଏମ୍‌ଆରଆଇ ମେସିନ ଦ୍ୱାରା ରୋଗୀଙ୍କର ଅତି ସୂକ୍ଷ୍ମ ପରୀକ୍ଷା ଓ ସଠିକ୍ ରୋଗ ନିରୂପଣ ସହଜ ହୋଇପାରିବ। ନବଜାତ ଶିଶୁମାନଙ୍କ ପାଇଁ ଯତ୍ନ କେନ୍ଦ୍ର ଶିଶୁ ମୃତ୍ୟୁହାର ହ୍ରାସକରିବା ସହ ନବଜାତଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇବାରେ ସହାୟକ ହେବ। ଏହି ସବୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଚିକିତ୍ସା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆସିବ। ସାଧାରଣ ଜନତାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ।

ଭିମସାରରେ ଆୟୋଜିତ ସାଂସ୍କୃତିକ ମହାକୁମ୍ଭ ଲୁମିଭକ୍ସ-୨୦୨୫ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଲୁମିଭକ୍ସ ଜ୍ଞାନ, ସେବା ଏବଂ ସଂସ୍କୃତିର ଏକ ଅପୂର୍ବ ସଙ୍ଗମ। ଗରିବ ଲୋକମାନଙ୍କର ଚିକିତ୍ସାର କେନ୍ଦ୍ର ହେଉଛି ଭିମସାର। ଆଜିର ଯୁଗରେ ଅତ୍ୟାଧୁନିକ ମେସିନ ସଠିକ୍ ରୋଗ ନିରୂପଣ କରୁଛି, କିନ୍ତୁ ଜଣେ ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀକୁ ପ୍ରକୃତରେ ସୁସ୍ଥ କରିଥାଏ। ଆମର ଲକ୍ଷ୍ୟ କେବଳ ରୋଗ ହେବାପରେ ଚିକିତ୍ସା କରିବା ନୁହେଁ, ବରଂ ରୋଗକୁ ରୋକିବା। ଡାକ୍ତରମାନେ ସଶକ୍ତ ହେଲେ ହିଁ ସମାଜ ସଶକ୍ତ ହେବ। ଖୁବ ଶୀଘ୍ର ଏଠାରେ ନୂଆ ସୁଶାସନ ମଡେଲ, ନିଯୁକ୍ତି ପଲିସି, ପରୀକ୍ଷା ପଲିସି ଅଟୋନୋମୋସ ମାଧ୍ୟମରେ ହେବ। ଖୁବଶୀଘ୍ର ନର୍ସିଂ ଝିଅମାନଙ୍କର ଛାତ୍ରୀନିବାସ, ପାରାମେଡିକାଲ ଷ୍ଟାଫ୍ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସମସ୍ୟାର ସମାଧାନ ସହ ନୂତନ ନିଯୁକ୍ତି ପକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ସଂକଳ୍ପରେ ଭିମସାରରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ବିଶ୍ୱ ମେଡିକାଲ ପ୍ରାକ୍ଟିସରେ ନେତୃତ୍ୱ ନେବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

ଟାଉନ ସ୍କୁଲକୁ ମିଳିନି ଜମିପଟ୍ଟା

## କ୍ଷୋଭପ୍ରକାଶ କଲା ପୁରାତନ ଛାତ୍ରସଂସଦ




ସମ୍ବଲପୁର, ୨୭।୧୨ (ସମିସ) : ଗତବର୍ଷ ନୂତନ ସରକାର ଆସିବାପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଡିସେମ୍ବର ୨୦୨୪ ସୁଦ୍ଧା ସମସ୍ତ ବିଦ୍ୟାଳୟକୁ ଜମି ପଟ୍ଟା ମିଳିଯିବ ବୋଲି ଘୋଷଣା କରିଥିଲେ। ତେବେ, ଏହାର ବର୍ଷକ ପରେ ମଧ୍ୟ ବହୁ ବିଦ୍ୟାଳୟ ସେମାନଙ୍କ ଜମିପଟ୍ଟା ପାଇନାହାନ୍ତି। ରାଜସ୍ୱ ବିଭାଗ ଏଯାବତ୍ ସମ୍ବଲପୁରର ଅନ୍ୟତମ ପୁରାତନ ବିଦ୍ୟାଳୟ ନୃସିଂହଗୁରୁ ଟାଉନ ହାଇସ୍କୁଲକୁ ଜମିପଟ୍ଟା ମିଳିନାହିଁ। ଏହାକୁ ନେଇ ପୁରାତନ ଛାତ୍ରସଂସଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ସୂଚନାନୁଯାୟୀ, ଏହି ସ୍କୁଲ ପୂର୍ବରୁ ବେସରକାରୀ ଥିବାବେଳେ କିଛି ବଦାନ୍ୟ ବ୍ୟକ୍ତିବିଶେଷ ଜମି ଦାନ କରିଥିଲେ। ଏହାସହ କିଛି ନୋଜୁଲ ପ୍ଲଟ୍ ମଧ୍ୟ ରହିଛି। ତେବେ, ସଦର ତହସିଲ କର୍ତ୍ତୃପକ୍ଷ ଏଦିଗରେ ଉଚିତ ପଦକ୍ଷେପ ନେବାରେ ଅହେତୁକ ବିଳମ୍ବ କରୁଛନ୍ତି। ତହସିଲ କାର୍ଯ୍ୟାଳୟରେ ସମ୍ପୃକ୍ତ ଫାଇଲ ଆଗକୁ ବଢୁନଥିବା ଛାତ୍ରମହଲରେ ଅଭିଯୋଗ ହୋଇଛି।

ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଏକ ବୈଠକ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ କରିଥିଲେ। ଦିବଂଗତ ସଭ୍ୟ ଅଶ୍ୱିନୀ କୁଅଁର, ଦାମୋଦର ବଘାର, ବିକ୍ରମ ପ୍ରଧାନ, ଫକୀର ମେହେର ଓ ଶ୍ୟାମସୁନ୍ଦର ଶର୍ମାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବାସହ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସନ୍ତା ଜାନୁୟାରୀ ୭ ତାରିଖରେ ସ୍କୁଲର ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଉପଲକ୍ଷେ ବକ୍ତୃତା, ରଚନା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯିବ। ୨୦୨୫ ମାଟ୍ରିକ ପରୀକ୍ଷାରେ ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ପ୍ଲାଟିନମ୍ ଜୁବିଲି ଟ୍ରଫି ଦେବାପାଇଁ ସ୍ଥିର କରାଗଲା। ଆଲୁମିନି ସଭ୍ୟମାନେ ଶ୍ରେଣୀଗୃହରେ ଶିକ୍ଷାଦାନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଶେଷରେ ସହ-ସମ୍ପାଦକ ଗୋରେଖ ଲାଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଚାଳକ ଗୁରୁତର

କୁଚିଣ୍ଡା, ୨୭।୧୨(ସମିସ): ବାମରା କୁଚିଣ୍ଡା ମୁଖ୍ୟରାସ୍ତା ସ୍ଥିତ ରେଙ୍ଗାପଡ଼ା ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ବାଇକ୍ ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବିହାର ରାଜ୍ୟର ମଣ୍ଟୁ କୁମାର କେଶାଇବାହାଲ ପଟରୁ କେନ୍ଦୁପାଣି ଭାଟିକୁ ଫେରୁଥିବା ବେଳେ ରେଙ୍ଗାପଡ଼ା ନିକଟରେ କାଙ୍କୁମର୍ ପଟରୁ ଆସୁଥିବା ଦୁଖବନ୍ଧୁ ବେହେରାଙ୍କ ସହ ତାଙ୍କ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଦୁହେଁ ଗାଡ଼ି ଚାଳକ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କୁଚିଣ୍ଡା, ୨୭।୧୨(ସମିସ): ଜନୈକ ମାନସିକ ଭାବେ ଦୁର୍ବଳ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ବାଲିପଟା ଗ୍ରାମର ବିବାହିତ ତଥା ଦୁଇଟି ସନ୍ତାନର ପିତା ବାବୁଲାଲ ଡୁଙ୍ଗୁମ(୨୮) ଙ୍କୁ ଶନିବାର ଦିନ କୁଚିଣ୍ଡା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଶୋଷ ଲାଗିବାରୁ ମାନସିକ ଭାବେ ଦୁର୍ବଳ ଆମିଲଟୁଆଁ ଗ୍ରାମର ଜଣେ ନାବାଳିକା ପାଣି ମାଗିବା ପାଇଁ ନିକଟସ୍ଥ ବାଲିପଟା ଗ୍ରାମର ବାବୁଲାଲ ଘରକୁ ଯାଇଥିଲା। ଏହି ସୁଯୋଗରେ ଦୁଇଟି ସନ୍ତାନର ଜନକ ବାବୁଲାଲ ତାକୁ ଘର ଭିତରକୁ ଟାଣି ନେଇ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏହି ଘଟଣା ବାବଦରେ କାହାକୁ ନ କହିବାକୁ ତାକୁ ଧମକ ଦେଇଥିଲା। ତେବେ ନାବାଳିକା ଜଣକ ଘରକୁ ଆସି ପରିବାର ଲୋକଙ୍କୁ ସବୁ କଥା କହିଦେବା ପରେ ପରିବାର ପକ୍ଷରୁ ଘଟଣା ବାବଦରେ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। କୁଚିଣ୍ଡା ପୋଲିସ କେସ ନଂ ୩୬୦/୨୦୨୫ରେ ମାମଲା ରୁଜୁ କରି ନାବାଳିକାର ଡାକ୍ତରୀମାଇନା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଶନିବାର ଦିନ ପୁଲିସ ଅଭିଯୁକ୍ତ ବାବୁଲାଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅଭିଯୁକ୍ତର ଜାମିନ ଆବେଦନ ଖାରଜ ହୋଇଯିବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ‘ଶ୍ରୀମତୀ’ ସମ୍ବଲପୁର ପ୍ରତିଯୋଗିତା ଉଦ୍‌ଘାଟିତ




ସମ୍ବଲପୁର, ୨୭।୧୨ (ସମିସ) : ଜିଲ୍ଲା ପ୍ରେକ୍ଷାଳୟ ‘ତପସ୍ୱିନୀ’ରେ ଆଜି ବୀଣାପାଣି କଳା ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ‘ଶ୍ରୀମତୀ ସମ୍ବଲପୁର’ ଉଦ୍‌ଘାଟିତ ହୋଇଯାଇଛି। କେବଳ ବିବାହିତ ମହିଳାମାନଙ୍କ ସକାଶେ ପ୍ରଥମଥର ପାଇଁ ଏଭଳି ଏକ ପ୍ରତିଯୋଗିତା ହେଉଥିବା ଜଣାପଡ଼ିଛି। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଜେପି ନେତା ସୁଶାନ୍ତ ପୁରୋହିତ ଏବଂ ବିଜେପି କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ସମ୍ମାନିତ ଅତିଥି ଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୫ ଜଣ ପ୍ରତିଯୋଗୀ ପଞ୍ଜୀକରଣ କରିଛନ୍ତି। ପ୍ରଥମ ଦିନରେ ବିଭିନ୍ନ ରାଉଣ୍ଡରେ ସେମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରି ଚୁଡାନ୍ତ ପର୍ଯ୍ୟାୟକୁ ୨୦ ଜଣ ପ୍ରତିଯୋଗୀ ଉନ୍ନୀତ ହୋଇଛନ୍ତି। ବିଚାରକ ଭାବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଡା. ହରପ୍ରସନ୍ନ ତ୍ରିପାଠୀ, ଡକ୍ଟର ଦେବସ୍ମିତା ମିଶ୍ର, ଡକ୍ଟର ମୁରଲୀଧର ଶର୍ମା, ଡକ୍ଟର ସୁଜାତା ପଣ୍ଡା, ଆଶା ଶର୍ମା, ସମିତ୍ କର, ବୃନ୍ଦାବନ ମହାରଣା, ଶିଶିର କର, ରେଶ୍ମା ଶ୍ରୀକୁମାର ଯୋଗ ଦେଇଥିଲେ।

ବୀଣାପାଣି କଳା ବିକାଶ କେନ୍ଦ୍ର ସଂଯୋଜିକା ସୁପ୍ରଭା ସାହାଣୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘୋଷଣାରେ ଜ୍ୟୋତିରାଦିତ୍ୟ, ମିନାକ୍ଷୀ, ତରୁଣ, ଉମାଶଙ୍କର, ଅନିଶା, ଅର୍ଚ୍ଚିକା ପ୍ରମୁଖ ଥିଲେ। ସୁରେଶ ଛନ୍ଦ, ମାନସ, ଅମିତ ପତି, ପ୍ରଦୀପ ପଟେଲ, ଅଜୟ, ଦିଲ୍ଲୀପ, ତର୍ପଣ, ଚିତ୍ରସେନ, ପ୍ରିୟଙ୍କା, ଚନ୍ଦନ, ଲିପନ, ଚମନ୍, ଅଲିଭା, ରେଣୁ, ପିଙ୍କି, ପ୍ରିୟାଂଶୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ‘ଶ୍ରୀମତୀ ସମ୍ବଲପୁର’ କାର୍ଯ୍ୟକ୍ରମର ପ୍ରକଳ୍ପ ମୁଖ୍ୟ ସୂର୍ଯ୍ୟ ଗୁରୁଙ୍କ ସୂଚନା ଅନୁସାରେ ଆସନ୍ତାକାଲି ଏହି ପ୍ରତିଯୋଗିତାର ଚୁଡ଼ାନ୍ତ ପର୍ଯ୍ୟାୟ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀମତୀ ସମ୍ବଲପୁର ଟାଇଟିଲ୍ ଓ ରନର୍ସଅପ୍ ସହ ଶ୍ରୀମତୀ ବୁଦ୍ଧିମତୀ, ଶ୍ରୀମତୀ ବେଷ୍ଟ କଷ୍ଟ୍ୟୁମ, ଶ୍ରୀମତୀ ଟେଲେଣ୍ଟେଡ୍, ଶ୍ରୀମତୀ ବିଉଟିଫୁଲ୍ ହେୟାର, ଶ୍ରୀମତୀ ବେଷ୍ଟ ମେକ୍‌ଅପ୍, ଶ୍ରୀମତୀ ଫଟୋଜେନିକ୍, ଶ୍ରୀମତୀ କେଟ୍‌ୱାକ୍, ଶ୍ରୀମତୀ ବେଷ୍ଟ ପର୍ସନାଲିଟି, ମେରା ପରିବାର ଆଦି ବିଭିନ୍ନ ବର୍ଗରେ ପୁରସ୍କୃତ କରାଯିବ।

## ଗୋବିନ୍ଦପୁର ଥାନାରେ ଆମ ପୁଲିସ ସମିତି ବୈଠକ

କୁଚିଣ୍ଡା, ୨୭।୧୨(ସମିସ): ବାମରା ସ୍ଥିତ ଗୋବିନ୍ଦପୁର ଡାକ୍ତରଖାନାରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଉକ୍ତ ବୈଠକରେ କୁଚିଣ୍ଡା ଉପଖଣ୍ଡ ଅଧିକାରୀ ପ୍ରଦିପ କୁମାର ଦାସ ଉପସ୍ଥିତ ରହି ବୈଠକର ଉଦ୍ଦେଶ୍ୟ ନେଇ ମତ ବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ପୁଲିସ ସମିତି ସଦସ୍ୟ ପ୍ରଶାନ୍ତ ଶତପଥୀ, ଯୋଗ ବିହାରୀ ପରିଡ଼ା, ଉଦୟନାଥ ନାଏକ, ସରୋଜ ସିହ୍ନା, ମହେନ୍ଦ୍ର ଚୌଧରୀ, ଜ୍ୟୋତି ଲାଠ, ବିଷ୍ଣୁ ଶର୍ମା, ସୁରେଶ ବେହେରା, ସୁଶିଳ ପ୍ରସାଦ, ବିଷ୍ଣୁ ଅଗ୍ରୱାଲ, ପାପୁନ ସିଙ୍ଗ ଠାକୁର, ରାଜେନ୍ଦ୍ର ନାଏକ, ବିନୋଦ ବାଗ, ରାଜୀବ ଚୌଧରୀ, ଗିରେନ୍ଦ୍ର ଅଗ୍ରୱାଲ ଓ ଅଶୋକ ପଟେଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବେଆଇନ ପାର୍କିଂ, ସ୍ପିଡ ବ୍ରେକର୍, ଦ୍ରୁତ ଗାଡ଼ି ଚାଳନା, ବଙ୍ଗଳାଦେଶୀଙ୍କ ବିଷୟରେ ସୂଚନା ପାଇଲେ ଆଇନକୁ ହାତକୁ ନନେଇ ପୁଲିସ କୁ ସୂଚନା ଦେବା, ଟ୍ରାଫିକ ସମସ୍ୟା ଓ ମାତାଲ୍ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସମେତ ଅନ୍ୟାନ୍ୟ ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ପୁଲିସ ଏସଆଇ ଶକ୍ତିଧର ରାଉତ, ସଞ୍ଜୟ ପୁରୋହିତ, ପାର୍ଥୀବ ପ୍ରଦାନ, ଜେମା କିଶାନ, ଦେବାଶିଷ ନାମଦେବ ଓ ବୈଷ୍ଣବ ପ୍ରଧାନଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ସମସ୍ୟା ଘେରରେ ନବୋଦୟ ବିଦ୍ୟାଳୟ

## ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ରେଢ଼ାଖୋଲ, ୨୭।୧୨(ସମିସ): ସମ୍ବଲପୁର ସହର ଗୋଶାଳା ଠାରେ ଅବସ୍ଥିତ ପିଏମଶ୍ରୀ ନବୋଦୟ ବିଦ୍ୟାଳୟ ଛାତ୍ରାବାସର ବିଭିନ୍ନ ସମସ୍ୟାକୁ ନେଇ ନବୋଦୟ ବିଦ୍ୟାଳୟ ଅଭିଭାବକ ସଂଘ ରେଢ଼ାଖୋଲ ପକ୍ଷରୁ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।ନବୋଦୟ ବିଦ୍ୟାଳୟ ଛାତ୍ରାବାସ ଗୁଡ଼ିକ ଦୀର୍ଘ ବର୍ଷ ଧରି ବହୁ ପୁରୁଣା ହୋଇଥିବାରୁ ବର୍ଷା ଋତୁରେ ପାଣି ଗଳିବା ସହି ଖରା ସମୟରେ ଉପର ମହଲା ଗୁଡ଼ିକ ଭିଷଣ ଗରମ ଅନୁଭୁତ ହେଉଅଛି। ଯଦ୍ୱାରା ଛାତ୍ରଛାତ୍ରୀ ବର୍ଷା ଚାରିମାସ ଓ ଗ୍ରୀଷ୍ମ ସମୟରେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଛାତ୍ରାବାସ ଗୁଡ଼ିକର ନବିକରଣ ଓ ଛାତ ଉପରେ ଟିଣ ଛପର ବ୍ୟବସ୍ଥା ଅନ୍ତତଃ କଲେ ଛାତ୍ରଛାତ୍ରୀ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇ ପାରନ୍ତେ।ବିଦ୍ୟାଳୟ ପରିସରରେ ବିଦ୍ୟୁତ୍ ସରବରାହ ଖୋଲା ତାର ଦ୍ୱାରା ପ୍ରବାହିତ ହେଉଥିବା ବିଦ୍ୟୁତ୍ ସବୁ ସମୟରେ ସମସ୍ୟା ସୃଷ୍ଟି କରିବା ସହିତ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ହେବାର ସମ୍ଭାବନା ରହିଛି। ଏହି ଖୋଲା ତାରକୁ ଟେବୁଲ୍ ତାରରେ ପରିବର୍ତ୍ତନ କଲେ ବିଦ୍ୟାଳୟରେ ବିଦ୍ୟୁତ୍ ପ୍ରବାହ ଜନିତ ବିପଦରୁ ରକ୍ଷା କରି ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦିଲ୍ଲୀପ କୁମାର ପ୍ରଧାନ, ସୁଶିଳ କୁମାର ପ୍ରଧାନ, ବିଜୟ ଲକ୍ଷ୍ମୀ ପ୍ରଧାନ, ସଙ୍ଗୀତା ପ୍ରଧାନ, ଅନୁଶୟା ପ୍ରଧାନ, ଚିତ୍ତରଞ୍ଜନ ସାହୁ, ନିରଞ୍ଜନ ମିଦ୍ଧା, ସୁଦର୍ଶନ ପ୍ରଧାନ, ରୁନିବତୀ ମିଦ୍ଧା, ପ୍ରମୁଖ ସମସ୍ତ ସଂଘର ଅନ୍ୟ ସଦସ୍ୟ ମାନେ ସାମିଲ ରହିଥିଲେ।

## କ୍ରୀଡ଼ାକୁ ତୃଣମୂଳସ୍ତରରେ ବିକାଶ କରିବାରେ ବେଦାନ୍ତର ପ୍ରଚେଷ୍ଟା




ସମ୍ବଲପୁର, ୨୭।୧୨ (ସମିସ): ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମ ଏବଂ ବିଦ୍ୟାଳୟଗୁଡିକରେ କ୍ରୀଡ଼ାକୁ ତୃଣମୂଳ ସ୍ତରର ବିକାଶ କରିବାରେ ବେଦାନ୍ତ ପ୍ରଚେଷ୍ଟା ଜାରି ରଖିଛି।ଏଥିପାଇଁ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହାୟ ହେଉଛି।କ୍ରିକେଟ ଟୁର୍ଣ୍ଣାମେଣ୍ଟ ଠାରୁ ଆରମ୍ଭ କରି ମାର୍ଶାଲ ଆର୍ଟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଆୟୋଜନ କରୁଛି। ବେଦାନ୍ତ ଝାରସୁଗୁଡାର ସିଏସଆର ତରଫରୁ ଜଜ କଲୋନୀ ଗ୍ରାଉଣ୍ଡରେ ପାଞ୍ଚ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। କମ୍ପାନୀ ଝାରସୁଗୁଡା ଜିଲ୍ଲାର ୧୦ଟି ସ୍କୁଲରେ ସମ୍ପ୍ରତି ମାର୍ଶଲ ଆର୍ଟ କର୍ମଶାଳା ଆୟୋଜନ କରିଛି, ଯାହା ୧୦୦୦ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଛି। ବେଦାନ୍ତ ମାର୍ଶଲ ଆର୍ଟସ ତାଲିମ କେନ୍ଦ୍ର ୧୦୦ରୁ ଅଧିକ ସ୍ଥାନୀୟ ଯୁବକଙ୍କୁ କରାଟେ, ଜୁଡୋ ଏବଂ ଗ୍ରାପ୍ଲିଂରେ ତାଲିମ ପ୍ରଦାନ କରେ। ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ଆମେ ଆତ୍ମବିଶ୍ୱାସୀ ଏବଂ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ କ୍ରୀଡାକୁ ଏକ ଉତ୍ପ୍ରେରକ ଭାବରେ ଦେଖୁ। ବେଦାନ୍ତ ମାର୍ଶଲ ଆର୍ଟସ ତାଲିମ କେନ୍ଦ୍ରର ଲାଭାର୍ଥୀ ମୁକ୍ତିକାନ୍ତ ନାୟକ କହିଛନ୍ତି, ‘ମାର୍ଶଲ ଆର୍ଟ ତାଲିମ ମୋତେ ଅଧିକ ଆତ୍ମବିଶ୍ୱାସୀ ଏବଂ ଶୃଙ୍ଖଳିତ କରିଛି।

## କୁଲୁଣ୍ଡି ଶାରୀରିକ ମହାବିଦ୍ୟାଳୟରେ ପାଠ ପଢ଼ିବେ ଝିଅ



ଜମନକିରା, ୨୭।୧୨ (ସମିସ): ଜମନକିରା ବ୍ଲକ କୁଲୁଣ୍ଡି ଠାରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ପୁଅଙ୍କ ଏଣିକି ଆଗ ପରି ଝିଅମାନେ ମଧ୍ୟ ପାଠ ପଢ଼ିବେ। ଝିଅମାନଙ୍କ ପାଇଁ ଖୁବ ଶୀଘ୍ର ହଷ୍ଟେଲ ବ୍ୟବସ୍ଥା ହେବା ସହ ପାଠ ପଢ଼ାରେ କୌଣସି ବାଛ ବିଚାର ରହିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପଶ୍ଚିମ ଓଡ଼ିଶାର ଏକମାତ୍ର ଏହି ମହାବିଦ୍ୟାଳୟ ଖୁବ ଅବହେଳିତ ହୋଇପଡ଼ିରହିଥିବା ବେଳେ ନୂଆ ସରକାର ଆସିବାପରେ ଏଥିରେ ଖୁବ ପରିବର୍ତ୍ତନ ହେବାକୁ ଯାଉଛି। ଖେଳ ପଡ଼ିଆର ଘୋର ଅଭାବ ଥିବାବେଳେ ଏକ ବିସ୍ତିର୍ଣ୍ଣ ପଡ଼ିଆ ଓ ଷ୍ଟାଡିୟମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସ୍ଥାନ ନିରୂପଣ ସରିଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତାଣ୍ଡି ସୂଚନା ଦେଇଛନ୍ତି। ଏପରିକି ନିର୍ମାଣଧୀନ ଇଣ୍ଡୋର ଷ୍ଟାଡିୟମକୁ ଖୁବ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିବା ବେଳେ କ୍ରୀଡ଼ାର ବିକାଶ ପାଇଁ ଏହି ମହାବିଦ୍ୟାଳୟକୁ ଓଡ଼ିଶାର ସର୍ବଶ୍ରେଷ୍ଠ ଶାରୀରିକ ଶିକ୍ଷା କ୍ରୀଡ଼ା ମହାବିଦ୍ୟାଳୟରେ ପରିଗଣିତ କରାଯିବ। ଅନୁଷ୍ଠାନ ପାଇଁ କୌଣସି ଭିତ୍ତିଭୂମିର ଅଭାବ ନାହିଁ। ବିଗତ ଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜମନ୍ତ୍ରୀ ରବିନାରାୟଣ ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ବିଭାଗୀୟ ଅଧିକାରୀ, ମହାବିଦ୍ୟାଳୟ କର୍ମଚାରୀ ଓ ମହାବିଦ୍ୟାଳୟର କିଛି ପ୍ରତିଷ୍ଠାତା ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେଉଁ ପରିକଳ୍ପନା ରହିଥିଲା ତାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ରାଜ୍ୟ ସରକାର ମଧ୍ୟ ଯୋଜନା ପ୍ରସ୍ତୁତ କରୁଥିବା ରାଜ୍ୟ କ୍ରୀଡାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମଧ୍ୟ ପୂର୍ବରୁ ଇସାରା ଦେଇଛନ୍ତି। ଫଳରେ ପୂର୍ବ ଗାରିମା ଫେରିବା ନେଇ ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା ଏହାକୁ ବିଶ୍ୱ ବିଦ୍ୟାଳୟରେ ପରିଗଣିତ କରିବାକୁ ସମ୍ବଲପୁର ସାଂସଦ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କୁଚିଣ୍ଡା ବିଧାୟକ ତଥାପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଓ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିକଟରେ ଦାବି ରଖିଛନ୍ତି।

ବୀର ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ସନ୍ଧ୍ୟା

# ‘ଜୀବନ ଜୀଇଁବାର କଳା ଶିଖାଇଲା ନାଟକ’

ସମ୍ବଲପୁର, ୨୭।୧୨ (ସମିସ)

ଝାଡୁଆପଡ଼ାସ୍ଥିତ ଆରଣ୍ୟକ ମଞ୍ଚରେ ‘ଯୁବ ଉଦୟନ’ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ସନ୍ଧ୍ୟାରେ ଆଜି ନାଟକ ‘ଡର୍’ ଓ ‘ଅନ୍ଧାରନୁ ଉକିଆ ତକ୍’ ମଞ୍ଚସ୍ଥ ହୋଇଥିଲା। ଡିସେମ୍ବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପ୍ରତିଯୋଗିତା ନାଟକ ଅନୁଷ୍ଠିତ ହେବାକୁ ଥିବାବେଳେ ୨୯ ତାରିଖରେ ପ୍ରଦର୍ଶନୀ ନାଟକ ‘ଜୀବନ୍ ତାକର୍, ସ୍ୱାଧୀନତା ଆମର୍’ ପରିବେଷଣ ଏବଂ ପୁରସ୍କାର ବିତରଣୀ ଅନୁଷ୍ଠିତ ହେବ।

ଜଞ୍ଜାଳଭରା ସଂସାରରେ ଆଜି ପ୍ରତିଟି ଘରେ ଏକ ଡର ପଶିଯାଇଛି। ବୃଦ୍ଧାବସ୍ଥାରେ ବାପାମା’, ଅଜାଆଇ ଆଉ ଶିଶୁମାନଙ୍କ ସହ ଖେଳିହସି ସମୟ ବିତାଇବା ଦେଖାଯାଉନାହିଁ। କାରଣ ବୃଦ୍ଧ ବାପାମା’ଙ୍କ ବୋଝ ଉଠାଇବା ପାଇଁ ପୁଅ ଝିଅ ମାନେ ଅରାଜି ହେଉଛନ୍ତି। ସମସ୍ତେ ନିଜ ସୁବିଧାରେ ରହୁଥିବାବେଳେ ବାପାମା’ଙ୍କ ଅବସ୍ଥା କହିଲେ ନସରେ। ଘରୁ ତଡ଼ି ଦେଉଛନ୍ତି ନତୁବା ବୃଦ୍ଧାଶ୍ରମକୁ ପଠାଇ ଦେଉଛନ୍ତି। ଏସବୁ ଘଟଣା ଦେଖିବା, ଶୁଣିବା ଦ୍ୱାରା ବୃଦ୍ଧାବସ୍ଥାରେ ସେମାନଙ୍କ ମନରେ ଏକ ଡର ପଶିଯାଉଛି। ଅମୁକକୁ ଆଜି ବୃଦ୍ଧାଶ୍ରମକୁ ପଠାଇଦେଲେ, କାଲି ମୋ ପାଳି ପଡ଼ିବନି ତ, ଏହି ଭାବନା ସେମାନଙ୍କ ମନକୁ ଆନ୍ଦୋଳିତ କରୁଛି। ଏଭଳି ଏକ





ପ୍ରସଙ୍ଗକୁ ନେଇ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ସନ୍ଧ୍ୟାର ପ୍ରଥମ ନାଟକ ‘ଡର’ ମଞ୍ଚସ୍ଥ ହୋଇଥିଲା। ଏହାକୁ ରଚନା କରିଛନ୍ତି ସନ୍ତୋଷ କୁମାର ମିଶ୍ର, ନିର୍ଦ୍ଦେଶନା ଦେଇଛନ୍ତି ଦିଲ୍ଲୀପ କୁମାର ଦେବ ଏବଂ ପରିବେଷଣ କରିଥିଲେ ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ୍ ଆସୋସିଏସନ, ସମ୍ବଲପୁରର କଳାକାରମାନେ। ସଂସାରରେ ବାପାମା’ଙ୍କ ସେବାଠାରୁ ଆଉ କିଛି ସେବା ନାହିଁ ଏଭଳି ବାର୍ତ୍ତା ଦେଇଥିଲା ଆଜିର ପ୍ରଥମ ନାଟକ।

ଆଜି ସନ୍ଧ୍ୟାର ଦ୍ୱିତୀୟ ନାଟକ ଥିଲା ଅଙ୍ଗମଞ୍ଚ, ମହୁଲପାଲି, ପଦମପୁରର ‘ଅନ୍ଧାରନୁ ଉକିଆ ତକ୍’। ଆମେ ଚାଲିଲେ ଝୁଣ୍ଟି ପଡ଼ିବା, ଝୁଣ୍ଟି ପଡ଼ିଲେ ଖଣ୍ଡିଆଖାବରା ହେବା, ଆଘାତ ଲାଗିବ, ତାହା ବୋଲି କ’ଣ ଚାଲିବା ଛାଡ଼ିଦେବା। ଏହାବାଦ୍ ପୁଣି ଦୈବୀ ଦୁର୍ଘଟଣା, ରୋଗ ଅଛି, ସବୁଥିରେ ତ ଆଘାତ ଲାଗିବାର ଆଶଙ୍କା ତା’ବୋଲି କ’ଣ ଜୀଇଁବା ଛାଡ଼ିଦେବା। ହାରିଗଲେ ସବୁ ସରିଗଲା। ଝୁଣ୍ଟିପଡ଼ି ପୁଣି ଛିଡ଼ାହେବା, ଛିଡ଼ାହୋଇ ପୁଣି ଚାଲିବା ହେଉଛି ଜୀବନ। ଏଭଳି ଏକ କଥାବସ୍ତୁ ଚାରିଜଣ ଦୃଷ୍ଟିହୀନଙ୍କ ଜୀବନ କାହାଣୀକୁ ନେଇ ଆଜିର ଦ୍ୱିତୀୟ ନାଟକ ପର୍ଯ୍ୟବେସିତ। ସେମାନେ ଜୀବନରେ ହାର ମାନିନାହାନ୍ତି ଏବଂ ଆଗେଇଯାଇ ଅସମ୍ଭବକୁ ସମ୍ଭବ କରି ପାରିଛନ୍ତି। ନାଟକର ରଚନା ଦୟାସାଗର ଧରୁଆ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି କେଶରଞ୍ଜନ ପ୍ରଧାନ। ପ୍ରତିଯୋଗିତାରେ ଏକ ଭିନ୍ନଧର୍ମୀ ନାଟକ ଦର୍ଶକଙ୍କୁ ଅଭିଭୂତ କରିଥିଲା।

ଆସନ୍ତାକାଲି ରବିବାର ୨୮ ତାରିଖ ପ୍ରତିଯୋଗିତାରେ ସଚେତନ ହେମା, ଢୋଲବନ୍ଧ, ବରଗଡ଼ର ‘ମାର୍ଜାର କେଶରୀ’, ମିରର୍ ଥିଏଟର, ବେଲପାହାଡ଼, ଝାରସୁଗୁଡ଼ାର ‘ପାହା ଚିହ୍ନା’ ଓ ଲୁ, ପଦମପୁରର ‘ବଳିଦାନ’ ମଞ୍ଚସ୍ଥ ହେବ।

ଏକାଦଶାହ ଉପଲକ୍ଷେ



ସ୍ୱ. ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୂଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ, ଜାନ୍‌ଭି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ



# କୁଚିଣ୍ଡାରେ ବିଜେଡିର ପ୍ରତିଷ୍ଠା ଦିବସ



**କୁଚିଣ୍ଡା, ୨୭।୧୨ (ସମିସ):** କୁଚିଣ୍ଡାସ୍ଥିତ ଶ୍ରମିକ ଭବନରେ ପୂର୍ବତନ ବିଧାୟକ ତଥା ଗତ ବିଧାନସଭା ନିର୍ବାଚନ ରେ ପ୍ରାର୍ଥୀତ୍ୱ କରିଥିବା ରାଜେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ, ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ପଟେଲ, ଜମନକିରା ଜିଲ୍ଲାପରିଷଦ ସଭ୍ୟ ତନୟା ଧୁରୁଆ, ବାମରା ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ବାମରା ବ୍ଲକର ଯୁବ ନେତା ଅରବିନ୍ଦ ସାହୁ, ମଣ୍ଟୁ ମହାନ୍ତି, ମହମଦ ମୁର୍ତ୍ତଜା, କାଉନସିଲର ନବୀନ ହୋତାଙ୍କ ସମେତ ଶତାଧିକ ବିଜେଡି ନେତା କର୍ମୀ ଯୋଗ ଦେଇ ବିରୋଧୀ ଦଳ ଭାଙ୍ଗି ଯିବ କହି ଚଲାଉଥିବା ଅପପ୍ରଚାରର କଡା ସମାଲୋଚନା କରିବା ସହିତ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଯୁକ୍ତି ବାଢି ଥିଲେ। ସେବା, ସଂଗ୍ରାମ, ସ୍ୱାଭିମାନର ମୂଳମନ୍ତ୍ରରେ କାମ କରିବା ଏବଂ ପୁଣି ଜନସାଧାରଣ ଅତି ନିକଟତର ହୋଇ ସମସ୍ତଙ୍କ ସେବା କରିବ ବୋଲି ଉପସ୍ଥିତ ନେତାମାନେ ବକ୍ତବ୍ୟ ରଖିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଡେବ୍ରିଗଡ଼ରେ ମହିଳା ସ୍କ୍ୱାଡ୍

**ସମ୍ବଲପୁର, ୨୭।୧୨ (ସମିସ)**

ବନ୍ୟପ୍ରାଣୀ ସୁରକ୍ଷା ଏବଂ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟର ସୁରକ୍ଷା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ରେ ପ୍ରଥମଥର ପାଇଁ ୫ ଜଣ ମହିଳା ସ୍କ୍ୱାଡ୍ ସାମିଲ କରାଯାଇଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର କର୍ତ୍ତୃପକ୍ଷଙ୍କ ଦ୍ୱାରା ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସେମାନେ ହେଲେ-ଅଞ୍ଜଳି ଟପ୍‌ନୋ, ବବିତା ଭୁଏ, ନବନୀତା ରାଉତ, ଅଲିଭା କାଲୋ ଓ ଅଳକା ପ୍ରଧାନ। ସେମାନଙ୍କ ମଧ୍ୟରୁ ୪ ଜଣ ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶରେ ଥିବା ଗ୍ରାମଗୁଡ଼ିକର ଆଦିବାସୀ ପରିବାରରୁ ଆସିଛନ୍ତି। ପିଲାଦିନରୁ ସେମାନେ ଏହି ଜଙ୍ଗଲରେ ବୁଲି ବୁଲି ସମୟ ବିତାଇଛନ୍ତି ଏବଂ ଅଭୟାରଣ୍ୟ ଉପରେ ମାନବ ଚାପ ବୃଦ୍ଧି, ସେମାନଙ୍କ ଫସଲ ବଞ୍ଚାଇବା ପାଇଁ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ଦ୍ୱାରା ପଶୁମାନଙ୍କର ବିଦ୍ୟୁତ୍ ଆଘାତର ବୃଦ୍ଧି, ଓଡ଼ିଶା-ଛତିଶଗଡ଼ ମଧ୍ୟରେ ସୀମାପାର ବନ୍ୟପ୍ରାଣୀ ବାଣିଜ୍ୟ ବୃଦ୍ଧି ଆଦି ଦେଖିଛନ୍ତି। ବନ୍ୟପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା ପ୍ରତି ସେମାନଙ୍କ ପ୍ରତିବଦ୍ଧତା, ନିର୍ଭୀକ ମନୋଭାବ, ପ୍ରକୃତିର ସେବାକରି ଏକ ଅର୍ଥପୂର୍ଣ୍ଣ ଜୀବନ ପାଇବାର ସ୍ୱପ୍ନ ହେତୁ ସେମାନଙ୍କୁ ଡେବ୍ରିଗଡ଼ର ଏନଫୋର୍ସମେଣ୍ଟ ୟୁନିଟ୍‌ରେ ଯୋଗଦେବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ମନୋନୀତ କରାଯାଇଥିବା ଜଣାପଡ଼ିଛି। ସମ୍ଭବତଃ ରାଜ୍ୟରେ ପ୍ରଥମକରି କୌଣସି ଅଭୟାରଣ୍ୟରେ ଏହିଭଳି ମହିଳା ସ୍କ୍ୱାଡ୍ ନିୟୋଜିତ କରାଯାଇଛି।

ଗତ ଅକ୍ଟୋବର ମାସରୁ ଡେବ୍ରିଗଡ଼ର ମହିଳା ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କ ସହିତ ଅଭୟାରଣ୍ୟରେ ନିୟୋଜିତ ପୂର୍ବତନ ସେନା ଅଧିକାରୀଙ୍କ ଦ୍ୱାରା ଉପରୋକ୍ତ ମହିଳାମାନେ ୩ ମାସର କଠୋର ଶାରୀରିକ ତାଲିମ ନେଇଛନ୍ତି। ପ୍ରତିଦିନ ୫ ରୁ ୭ କିମି ଦୌଡ଼, ଦିନରେ ଜଙ୍ଗଲ ଭିତରେ ପାଟ୍ରୋଲିଂ, ରାତିରେ ଅଭୟାରଣ୍ୟ ବାହାରେ ପାଟ୍ରୋଲିଂ, ସେମାନଙ୍କୁ କ୍ୟାମେରା ଟ୍ରାପ୍ ବ୍ୟବହାର, ମୋବାଇଲ୍ ପାଟ୍ରୋଲିଂ ଆପ୍ସ, ଲାଇଭ୍ ୱାୟାର ଡିଟେକ୍ଟର୍ ବ୍ୟବହାର, ଅଭୟାରଣ୍ୟ ଭିତରେ ପ୍ରେସର ଇମ୍ପ୍ରେସନ୍ ପ୍ୟାଡ୍ କିପରି ବଜାୟ ରଖିବେ, ପାଦ ପାଟ୍ରୋଲିଂର ପ୍ରାସଙ୍ଗିକତା, ବନ୍ୟପ୍ରାଣୀ ଆକ୍ରମଣ ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ, ଜଙ୍ଗଲରେ ଭିଏଚ୍‌ଏଫ୍ ଏବଂ ୱାକିଟକି ବ୍ୟବହାର, ଘନ ବନ୍ୟପ୍ରାଣୀ ଅଞ୍ଚଳ ଦେଇଯିବା ସମୟରେ କିପରି ଆଚରଣ କରିବେ, କୋର୍ ଏରିଆ ଏବଂ ଅଳଂଘିତ ସ୍ଥାନର ପ୍ରାସଙ୍ଗିକତା ଇତ୍ୟାଦି ଶିକ୍ଷା ଦିଆଯାଇଛି। ପାଞ୍ଚଜଣ ସ୍କ୍ୱାଡ୍ ମଧ୍ୟରୁ ୨ଜଣ (ନବନିତା ରାଉତ ଏବଂ ଆଲିଭା କାଲୋ) ହୀରାକୁଦ ନିକଟରେ ଜନ୍ମଗ୍ରହଣ କରିଥିବା ବିଶେଷଜ୍ଞ ସନ୍ତରଣକାରୀ।



ତେଣୁ ସେମାନଙ୍କୁ କ୍ରୁଜ୍ ଡ୍ରାଇଭିଂରେ ମଧ ତାଲିମ ଦିଆଯାଇଛି ଏବଂ ହୀରାକୁଦ କର୍ତ୍ତୃପକ୍ଷଙ୍କ ସୁପାରିଶରେ ଖୁବ୍ ଶୀଘ୍ର ଚାନ୍ଦବାଲି, ଭଦ୍ରକଠାରେ କ୍ରୁଜ୍ ଡ୍ରାଇଭିଂ ତାଲିମରେ ଯୋଗଦେବେ। ସମସ୍ତଙ୍କ ତାଲିମ ଜାନୁଆରୀ ୧ ତାରିଖରେ ସମାପ୍ତ ହେବ ଏବଂ ସେମାନେ ଅଭୟାରଣ୍ୟରେ ସୁରକ୍ଷା ସ୍କ୍ୱାଡ୍ ଭାବରେ ସ୍ୱାଧୀନ ଭାବରେ କାମ କରିବା ଆରମ୍ଭ କରିବେ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବର୍ଷସାରା ପ୍ରାୟ୧୫୦ଜଣ ସ୍କ୍ୱାଡ୍ କର୍ମଚାରୀ ଅଭୟାରଣ୍ୟର ଏନ୍‌ଫୋର୍ସମେଣ୍ଟ / ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ଏଥିରେ ୨୬ ଜଣ ପୂର୍ବତନ ସେନା ଅଧିକାରୀ ମଧ ଅଛନ୍ତି। ଏହି ୧୫୦ ଜଣ ସ୍କ୍ୱାଡ୍ କର୍ମଚାରୀଙ୍କ ମଧ୍ୟରୁ ଏହିବର୍ଷ ୫ ଜଣ ମହିଳା ସ୍କ୍ୱାଡ୍ ନିଯୁକ୍ତି ପାଇଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟରେ ୨୦ ବର୍ଷ ଧରି ସଚ୍ଚୋଟ ସ୍କ୍ୱାଡ୍ କର୍ମଚାରୀ ଅଭୟାରଣ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କୁ ଅଭୟାରଣ୍ୟ କର୍ତ୍ତୃପକ୍ଷ ସେବା ପ୍ରଦାନକାରୀ (ଅସ୍ଥାୟୀ) ମାଧ୍ୟମରେ ନିୟୋଜିତ କରିଥିବା ସୂଚନା ମିଳିଛି।ସିସିଏଫ ବନ୍ୟପ୍ରାଣୀ ଓଡ଼ିଶା ପି.କେ ଝା କହିଛନ୍ତି ଯେହେତୁ ଡେବ୍ରିଗଡ଼ ଅଭୟାରଣ୍ୟ ଏକ ମାନବ ଅଧ୍ୟୁଷିତ ଅଞ୍ଚଳ, ଆମେ ଆମର ସୁରକ୍ଷା ସଂସ୍ଥାରେ ମହିଳାମାନଙ୍କୁ ରହିବାକୁ ଉତ୍ସାହିତ କରିଥିଲୁ ଯାହା ଦ୍ୱାରା ଆମେ ପ୍ରବର୍ତ୍ତନ (ଏନ୍‌ଫୋର୍ସମେଣ୍ଟ)ରେ ମହିଳାମାନଙ୍କର ଅଂଶଗ୍ରହଣ କରିପାରିବୁ। କାରଣ ବର୍ତ୍ତମାନ ଆମର ଅଭୟାରଣ୍ୟ ଭିତରେ ରହୁଥିବା ଅନେକ ଫ୍ରଣ୍ଟଲାଇନ କର୍ମଚାରୀ ମହିଳା। ଏହା ଅଭୟାରଣ୍ୟର ସୁରକ୍ଷା ପାଇଁ ମଧ ଗ୍ରାମବାସୀଙ୍କୁ ପ୍ରେରଣା ଦେବ। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ (ଡେବ୍ରିଗଡ଼ ଅଭୟାରଣ୍ୟ) ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି, ପ୍ରବର୍ତ୍ତନ ଏବଂ ସୁରକ୍ଷା କାର୍ଯ୍ୟରେ ସ୍ଥିରତା ଏବଂ ସହନଶୀଳତା ଆବଶ୍ୟକ। ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସମାନ ମୂଲ୍ୟ ପ୍ରଯୁଜ୍ୟ। ଯେହେତୁ ୫୦%ରୁ ଅଧିକ ଫ୍ରଣ୍ଟଲାଇନ୍ ଅଧିକାରୀ (ବନ ଏବଂ ବନରକ୍ଷୀ) ମହିଳା ଅଭୟାରଣ୍ୟର ଦୂରଦୂରାନ୍ତ ସ୍ଥାନରେ ବାସ କରନ୍ତି ଏବଂ କାର୍ଯ୍ୟ କରନ୍ତି, ତେଣୁ ସ୍କ୍ୱାଡରେ ମହିଳା ରହିବା ବନ୍ୟପ୍ରାଣୀଙ୍କୁ ଆହୁରି ସୁରକ୍ଷା ଦେବ।

■ **କାମଦେଲା ରମେଶ ମେହେରଙ୍କ ପୋଷ୍ଟ**

# ଦିବ୍ୟାଙ୍ଗ ଦମ୍ପତିଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା




**ବରଗଡ଼, ୨୭।୧୨(ସମିସ):** ବରଗଡ଼ ଜିଲ୍ଲା ସଦର ବ୍ଲକ ଅଧୀନ ଖଲିଆପାଲି ଗାଁର ଏକ ଦିବ୍ୟାଙ୍ଗ ଦମ୍ପତ୍ତି ଅଜିତ ଜାଲ ଓ ତାଙ୍କ ପତ୍ନୀ ସୁଷମା ଦୀର୍ଘଦିନ ଧରି ସରକାରଙ୍କ ଦ୍ୱାରା ଘୋଷିତ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇ ଆସୁଥିଲେ। ବାରମ୍ବାର ସମ୍ପୃକ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରାଯାଇ ଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଦୈନିକ ଜୀବନଯାପନ ପାଇଁ ଭତ୍ତା ଉପରେ ନିର୍ଭର କରୁଥିବା ଏହି ଦମ୍ପତ୍ତି ଆର୍ଥିକ ସଙ୍କଟରେ ପଡ଼ିଥିଲେ। ଏହି ଗୁରୁତର ସମସ୍ୟାକୁ ସାମାଜିକ ମାଧ୍ୟମ ମାଧ୍ୟମରେ ସାର୍ବଜନୀନ କରିଥିଲେ ସାମାଜିକକର୍ମୀ ରମେଶ ମେହେର। ସେ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ, ସମ୍ପୃକ୍ତ ବିଭାଗ ଓ ଉଚ୍ଚ ଅଧିକାରୀଙ୍କୁ ଟ୍ୟାଗ କରି ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଦାବି କରିଥିଲେ। ରମେଶ ମେହେରଙ୍କ ଟ୍ୱିଟ୍ ପରେ ପ୍ରଶାସନ ତୁରନ୍ତ ସକ୍ରିୟ ହୋଇ ମାମଲାଟିର ସମୀକ୍ଷା କରିଥିଲା। ଯାଞ୍ଚ ପ୍ରକ୍ରିୟା ସମାପ୍ତ ହେବା ପରେ ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ମିଳି ପାରିଛି। ଭତ୍ତା ପାଇବା ପରେ ଦିବ୍ୟାଙ୍ଗ ଦମ୍ପତ୍ତି ସନ୍ତୋଷ ପ୍ରକାଶ କରିବା ସହ ରମେଶଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଲକ୍ଷେ ଘରିଆ ଦଳିତ ଉନ୍ନୟନ ସଂଘ ନୂତନ କର୍ମକର୍ତ୍ତା ଗଠନ

**ବରପାଲି, ୨୭।୧୨ (ସମିସ):** ବରପାଲି ଆମ୍ବେଦକର ଭବନ ପରିସରରେ ଲକ୍ଷେ ଘରିଆ ଦଳିତ ଉନ୍ନୟନ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବୀରେନ ମହାନନ୍ଦ, ଉପସଭାପତି ଲବଣୀ ନାଗ, ସମ୍ପାଦକ ସୁରେନ୍ଦ୍ର ସୁନା, ସହ ସମ୍ପାଦକ ଶ୍ରୀକାନ୍ତ ମହାନନ୍ଦ, କୋଷାଧ୍ୟକ୍ଷ ପଙ୍କଜ ନାଗ, ସଂଗଠକ ସମ୍ପାଦକ ଭଗୀରଥି ବିଭାର, ସଚ୍ଚିଦାନନ୍ଦ କନ୍ଧେର, ଗୌରୀ ମହାନନ୍ଦ, ନନ୍ଦିନୀ ଭୋସାଗର, ପିଙ୍କି ଶିକା ଏବଂ ଉପଦେଷ୍ଟା ଭାବେ ବାଳକିଶୋର ଛତର, ଭୀଷ୍ମଦେବ ଶିକା, ରାଜେଶ ମହାନନ୍ଦ, ଇଶ୍ୱର ନାଗ, ଶିବ ଛତର ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ ନୂତନ କର୍ମକର୍ତ୍ତା ମାନଙ୍କୁ ଲକ୍ଷେ ଘରିଆ ଦଳିତ ଉନ୍ନୟନ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ତେଜୁଛି ପୁଝାରୀପାଲି ଅଙ୍ଗ ନଦୀବନ୍ଧ ଆନ୍ଦୋଳନ

## ୨୦ ହଜାର ଲୋକଙ୍କ ସମାଗମରେ ହେବ ଐତିହାସିକ ବିରୋଧ


**ପଦ୍ମପୁର/ଝାରବନ୍ଧ, ୨୭।୧୨(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଅଧୀନ ପୁଝାରୀପାଲିରେ ପ୍ରସ୍ତାବିତ ଅଙ୍ଗ ନଦୀବନ୍ଧକୁ ବିରୋଧ କରି ପୁଝାରୀପାଲି ଅଙ୍ଗ ନଦୀ ବନ୍ଧ ପ୍ରତିରୋଧ କମିଟି ତରଫରୁ ଜଗଦଳପୁର ବଜାର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଡି ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ସଦସ୍ୟ ଏବଂ ଲୋହରାକୋଟ ଗ୍ରାମବାସୀଙ୍କୁ ନେଇ ପ୍ରଦିବାଦ ବୈଠକ ହୋଇଥିଲା। ପ୍ରତିରୋଧ କମିଟିର ସଭାପତି ସଭାପତି ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ବୈଠକରେ ସରେଇକେଲା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ପଟେଲ, ଜଗଦଳପୁର ପଞ୍ଚାୟତ ସରପଞ୍ଚ ଗୋବର୍ଦ୍ଧନ ନାଏକ, ଚର୍ଦାପାଲି ପଞ୍ଚାୟତ ସରପଞ୍ଚ ଗଣେଶ ନାୟକ, ପ୍ରତିରୋଧ କମିଟି ସମ୍ପାଦକ ଆଇନଜୀବୀ କେଶବ ସାହୁ, ମଧୁସୂଦନ ସାହୁ, ଚନ୍ଦୁଲାଲ ପ୍ରଧାନ, ଅରକ୍ଷିତ ପ୍ରଧାନଙ୍କ ସମେତ ଜଗଦଳପୁର ଅଞ୍ଚଳର ମଦନ ମୋହନ ପଟେଲ, ଗୋପବନ୍ଧୁ ସାହୁ, ବିଶ୍ୱେଶ୍ୱର ପଟେଲ, ଅନନ୍ତ ମିଶ୍ର, କୃଷ୍ଣ ଚନ୍ଦ୍ର ପଟେଲ ସାମିଲ ହୋଇ ପ୍ରକଳ୍ପ ବିରୋଧରେ ମତ ରଖିଥିଲେ। ନଦୀବନ୍ଧ ପ୍ରକଳ୍ପ



କାର୍ଯ୍ୟକାରୀ ହେଲେ ୩୨ ଖଣ୍ଡ ମୌଜା, ଅମୂଲ୍ୟ ଚାଷ ଜମି, ପ୍ରାକୃତିକ ପରିବେଶ ଭର୍ତ୍ତି ଜଙ୍ଗଲ ଓ ପ୍ରସିଦ୍ଧ ଶୈବ ପୀଠ ଦେବଦର୍ହା ଜଳ ସମାଧି ହୋଇ ଭୂତଳରେ ମିଶିବ ନିଶ୍ଚିତ ବୋଲି ଅନେକ ମତାମତ ଆସିଥିଲା। ଆଗାମୀ ଦିନରେ ୨୦ ହଜାର ଲୋକଙ୍କୁ ନେଇ ଐତିହାସିକ ବିରୋଧ କରାଯିବାକୁ ପ୍ରସ୍ତୁତି ହେବ ବୋଲି ସୂଚନା ରହିଛି। ପ୍ରତି ଗାଁ ଗାଁରେ ଲୋକଙ୍କୁ ଏକଜୁଟ କରାଯାଇ ପ୍ରକଳ୍ପ ବିରୋଧରେ ଜୋରଦାର ଲଢ଼େଇ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ପରଲୋକରେ କୁଲିଆରୀ ୱାର୍ଡ ସଭ୍ୟ ମୀନକେତନ ଭଏଁଷାଲ

**ଗାଇସିଲେଟ, ୨୭।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ କୁଲିଆରୀ ଗାଁର ୱାର୍ଡ ସଭ୍ୟ ମୀନକେତନ ଭଏଁଷାଲଙ୍କ ୬୨ ବର୍ଷ ବୟସରେ ତାଙ୍କ ବାସ



ଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ୱାର୍ଡ ସଭ୍ୟ ଭାବେ କାର୍ଯ୍ୟ କରି ସେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ, ବିକାଶ କାର୍ଯ୍ୟ ଓ ସାମାଜିକ ସେବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ପରଲୋକ ଖବର ଶୁଣି ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ୱାର୍ଡବାସୀମାନେ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକାକୁଳ ପରିବାର ପ୍ରତି ସମବେଦନା ଜଣାଇ ଅନେକେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କର ପାର୍ଥିବ ଶରୀରକୁ ଗାଁ ଶ୍ମଶାନରେ ଶେଷକୃତ୍ୟ ସମାପନ କରାଯାଇଛି।

# ୧ରେ ଜିଲ୍ଲାସ୍ତରୀୟ ଧନୁଯାତ୍ରା କୁଇଜ୍ ପ୍ରତିଯୋଗିତା

**ବରଗଡ଼, ୨୭।୧୨ (ସମିସ):** ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧନୁଯାତ୍ରାର ଐତିହ୍ୟ ପ୍ରତି ପ୍ରତିବର୍ଷ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୧ ତାରିଖ ଦିନ ଆୟୋଜିତ ହେବ। ଧନୁଯାତ୍ରାର ଇତିହାସ ଓ ପୌରାଣିକ ଆଖ୍ୟାନ ଆଧାରିତ ଏହି କୁଇଜ୍ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡିୟମ ପରିସର ମଧ୍ୟରେ ଅପରାହ୍ଣ ୨ଟାରେ ଅନୁଷ୍ଠିତ ହେବ। 'ମହତାବ ଶିଶୁ ସାହିତ୍ୟ ସଂସଦ' ଓ 'କଳାମାଣିକ ଶିଶୁ ପତ୍ରିକା', ବରଗଡ଼ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁଇଟି ବିଭାଗରେ ଆୟୋଜିତ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ମୋବାଇଲ ନମ୍ବର ୯୮୬୧୦୮୮୩୪୮କୁ ମେସେଜ ପଠେଇ ଡିସେମ୍ବର ୩୧ ତାରିଖ ସୁଦ୍ଧା ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି ସମ୍ପାଦକ ଡ.ରବିନାରାୟଣ ସାହୁ ଜଣାଇଛନ୍ତି।

# ୧୯୮୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ଝାରବନ୍ଧ, ୨୭।୧୨(ସମିସ):** ପଞ୍ଚାୟତ ହାଇସ୍କୁଲ ଝାରବନ୍ଧରେ ଅଧ୍ୟୟନ କରିଥିବା ୧୯୮୮ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍କୁଲର ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ନନ୍ଦଲାଲ ବାରିକ, ଅଇଁଠା ପ୍ରଧାନ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୩୭ ବର୍ଷ ପରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଗୁରୁଦେବ ରଣା, ସୁନୀଲ ଅଗ୍ରୱାଲ, କ୍ଷଣପ୍ରଭା ପାଣିଗ୍ରାହୀ, ଜୟ ଅଗ୍ରୱାଲ, ଚୈତରାମ ନାଏକ, ମାନଭଞ୍ଜନ ବେହେରା, ବବିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଗିରିରାଜ କୁମ୍ଭାର, ସନ୍ତୋଷ ବେହେରା, ରାମକୃଷ୍ଣ ପ୍ରଧାନ, ଦିବ୍ୟ କିଶୋର ପଣ୍ଡା, ସାଗର ଚନ୍ଦ୍ର ବରିହା, ଦୁତିଆ ବରିହା, ରାଜ ପଟେଲ, ପଦ୍ମନ ପଟେଲ, ରବି ବାଗ, ଭାରତୀ ପ୍ରଧାନ, ନୀଳେନ୍ଦ୍ରି ପ୍ରଧାନ, ଚନ୍ଦ୍ରକାନ୍ତି ପ୍ରଧାନ, ସାରଦା ଅଗ୍ରୱାଲ, ଭୂମିସୁତା ଖମାରି, ପ୍ରମିଳା ମହାନନ୍ଦ, ମଞ୍ଜୁ ପ୍ରଧାନ, ଚୂଡାମଣି ପୋତ, ତରଣୀ ରଣା, କନସ ସିଦାର, ଗଜପତି ସାହୁଙ୍କ ସମେତ ପ୍ରାୟ ୬୦ ଜଣ ପୁରାତନ ଛାତ୍ରଛାତ୍ରୀ ସାମିଲ ଥିଲେ।

# ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଶାଖା ଦ୍ୱାରା କମ୍ବଳ ବଣ୍ଟନ

**ଝାରବନ୍ଧ, ୨୭।୧୨(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ହାଡ ଭଙ୍ଗା ଶୀତ ଯୋଗୁଁ ଅନେକ ଗରିବ ଜନସାଧାରଣ ଗରମ ପୋଷାକ ତଥା ନିଆଁର ସାହାରାରେ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅସହାୟ ଗରିବ ଲୋକଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖା ତରଫରୁ ନିର୍ମାଣାଧୀନ ଅଗ୍ରସେନ ଭବନ ଠାରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଶାଖାର ସଭାପତି ନନ୍ଦକିଶୋର ଅଗ୍ରୱାଲ ତତ୍ତ୍ୱାବଧାନରେ ଅଞ୍ଚଳର ଗରିବ ଅସହାୟ ବ୍ୟକ୍ତିଙ୍କୁ ହାରାହାରି ୧୮୦ଟି କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଯୁବାମଞ୍ଚର ସଭାପତି ରାକେଶ ଅଗ୍ରୱାଲ (ପିଙ୍କୁ), ଶାଖା ସମ୍ପାଦକ ଜୟ ଅଗ୍ରୱାଲଙ୍କ ସମେତ ନବୀନ ମିତ୍ତଲ, ବିକାଶ ମିତ୍ତଲ, ମୁକେଶ ଅଗ୍ରୱାଲ ପ୍ରମୁଖ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**ସମ୍ବଲପୁର, ୨୭।୧୨ (ସମିସ)**

ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଆଜି ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକାରୀ ମୁକେଶ କୁମାର ଭାମୁଙ୍କୁ ସାକ୍ଷାତ କରି ସମ୍ବଲପୁର ବଢ଼ୁଥିବା ହିଂସା, ଘୃଣା ଓ ଭାଇଚାରା ନଷ୍ଟ କରିବା ଭଳି ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସମ୍ବଲପୁରର ବିପର୍ଯ୍ୟସ୍ତ ଆଇନ୍ ବ୍ୟବସ୍ଥାରେ ସୁଧାର ପାଇଁ ପଦକ୍ଷେପ ଦାବି କରିଛନ୍ତି। ସମ୍ବଲପୁରରେ ବିଦେଶୀ ବା ବଙ୍ଗଳାଦେଶୀ ପଶି ଆସିଛନ୍ତି କହି ବିଭିନ୍ନ ସମୟରେ ଉତ୍ତେଜନା ହେବାସହ ବିଭିନ୍ନ ସ୍ଥାନରେ ଶ୍ରମିକ ମାନଙ୍କୁ ଆକ୍ରମଣ କରାଯାଉଛି। ଆଜିଯାଏ ପ୍ରଶାସନ ପକ୍ଷରୁ କାହାକୁ ବଙ୍ଗଳାଦେଶୀ ବା ବିଦେଶୀ କହି ଅଟକ ରଖି ବିଦେଶ ମନ୍ତ୍ରାଳୟ ସହ ଆଲୋଚନା କରି କାହାକୁ ଅନ୍ୟ ଦେଶକୁ ପଠାଇବାର ନଜିର ନାହିଁ କିନ୍ତୁ କିଛି ସଂଗଠନ ତଥା କିଛି ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ଆକ୍ରମଣ ବାରମ୍ବାର ହେଉଛି ଏବଂ ଏ ଦିଗରେ ସରକାରଙ୍କ ପକ୍ଷରୁ ନିଷ୍କ୍ରିୟତା ଘୃଣାର ପରିବେଶକୁ ଆହୁରି ଗମ୍ଭୀର କରୁଛି। ବିଭିନ୍ନ ସମୟରେ ବିରୋଧ, ପରେ ଆକ୍ରମଣ ତା'ପରେ ସମ୍ବଲପୁରରେ ଗତ ୨୩ ତାରିଖରେ ହତ୍ୟା ହୋଇଥିବା ଶ୍ରମିକ ସୁହେଲ ଶେଖଙ୍କ ହତ୍ୟା ଘଟଣା ପୋଲିସ ପ୍ରଶାସନ ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ସମ୍ବଲପୁରରେ ଅନୁପ୍ରବେଶ କରିଥିବା ବଙ୍ଗଳାଦେଶୀ ବା ବିଦେଶୀଙ୍କ ଗଣନା, କି ତାଙ୍କ ଦେଶକୁ ଫେରେଇଦେବା ପାଇଁ ଚିହ୍ନଟ ଦିଗରେ ପୋଲିସ ବା ଜିଲ୍ଲା ପ୍ରଶାସନ କିଛି ପଦକ୍ଷେପ ନେଇଛନ୍ତି କି ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ପ୍ରଶ୍ନ କରାଯାଇଛି। ବିଦେଶୀ ବା ବଙ୍ଗଳାଦେଶୀ ଯଦି ସହରରେ ଅଛନ୍ତି ସରକାର ପଦକ୍ଷେପ ନିଅନ୍ତୁ କିନ୍ତୁ ମିଥ୍ୟାରେ କେବଳ ଅପପ୍ରଚାର କରି ସହରରେ ଆସାମାଜିକ ତତ୍ତ୍ୱଙ୍କ ଦ୍ୱାରା ଶ୍ରମିକମାନଙ୍କ ପ୍ରତି ହେଉଥିବା ଆକ୍ରମଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ଶ୍ରମିକ ନେତା ଗୋକୁଳ ମେହେର, ଏମ୍‌ଡି ସନଉଲ୍ଲା, ଜିଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ରନେତା ତୁମନ ପ୍ରଧାନ, ସୋଏବ୍ ସଦମଣି, ହାଜି ମଞ୍ଜୁର ଅଲି ପ୍ରଶାନ୍ତ ଥାପା, ଧିରେନ ଦେବତା, ରାଧାକାନ୍ତ ଗୁରୁ, ଦୁଲାଲ ରାୟ, ସତେନ ଦାସ, ସୁକେଶ ସିଂହ, ଶୁଭମ୍ ସାହୁ, ଶିବୁ ସେଠ, ଆଦିବାସୀ ନେତା ବିବେକ ଓରାମ, ରବି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

